## ୩୪ ବ୍ୟାଙ୍କର ୫୦ରୁ ଊର୍ଦ୍ଧ୍ୱ ଆକାଉଣ୍ଟ ସିଜ୍ ପାଇଁ ଏସ୍‌ଟିଏଫ୍‌ର ଆବେଦନ

# ଓଲିଉଡ୍‌ରେ ଲାଗିଛି ଗ୍ୟାଙ୍ଗଷ୍ଟର୍‌ଙ୍କ ଅର୍ଥ

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:**

ଗ୍ୟାଙ୍ଗଷ୍ଟର୍ ଟିଟୋ ଓରଫ ସୟଦ ଉସମାନ ଅଲ୍ଲୀର ରହସ୍ୟମୟ ଅପରାଧ ପେଡ଼ିରୁ କ୍ରାଇମବ୍ରାଞ୍ଚକୁ ଓଲିଉଡ୍ ଲିଙ୍କର ସୁରାକ ମିଳିଛି। ୧୦୦ କୋଟି ସମ୍ପତ୍ତିର ମାଲିକ ଟିଟୋର ଟଙ୍କା ଓଲିଉଡ୍‌ରେ ଲାଗିଛି। ନିର୍ମାଣାଧୀନ ଓଡ଼ିଆ ଫିଲ୍ମ 'ବିଶ୍ୱନାଥ'ରେ ଟିଟୋ ଟଙ୍କା ଲଗାଇଛି ବୋଲି ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛି ;ଏହି ଟଙ୍କା ଟିଟୋ ତା'ର ଜଣେ ସମ୍ପର୍କୀୟ ପୁତୁରାଙ୍କ ସହାୟତାରେ ବିନିଯୋଗ କରିଥିବା ଜଣାପଡ଼ିଛି। ଏହି ଫିଲ୍ମ ପାଇଁ ଟିଟୋ ୨୦ ଲକ୍ଷ ଟଙ୍କା ଦେଇଥିବା ସୂଚନା ମିଳିଛି। ଫିଲ୍ମର ମୁହୂରତ ଶେଷ ହୋଇଥିବା ବେଳେ ଏହାର ସୁଟିଂ ଏବେ ରାଜ୍ୟ ବାହାରେ ଚାଲିଛି। ଏସ୍‌ଟିଏଫ୍ ରିମାଣ୍ଡରେ ଥିବା ଟିଟୋକୁ ଏନେଇ ପଚରାଉଚରା ବେଳେ ସେ ସତ ମାନିଛି। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଟିଟୋର ଟଙ୍କା ବିନିଯୋଗ ହୋଇଥିବା ନେଇ ପୂର୍ବରୁ ଏସ୍‌ଟିଏଫ୍‌କୁ ତଥ୍ୟ ମିଳିଥିବା ବେଳେ ଆଜି ଜେରା ସମୟରେ ତାହାର ଟଙ୍କା ଓଲିଉଡ୍‌ରେ ବିନିଯୋଗ ହୋଇଥିବା ସେ ସ୍ୱୀକାର କରିଛି। ଏପରିକି ଉକ୍ତ ଫିଲ୍ମରେ ବିନିଯୋଗ ହୋଇଥିବା ଟଙ୍କା ଟିଟୋ ପତ୍ନୀଙ୍କର ବୋଲି ସେ ଏସ୍‌ଟିଏଫ୍ ଅଧିକାରୀଙ୍କ ନିକଟରେ କହିଛି। ଟିଟୋଠାରୁ ଜବତ ହୋଇଥିବା ଜାଗୁଆର ଗାଡ଼ିକୁ ଏହି ଫିଲ୍ମରେ ବ୍ୟବହାର କରାଯାଇଛି। ଫିଲ୍ମର ସୁଟିଂ ୭୦ ଭାଗ ଶେଷ ହୋଇଛି। ଲିଡ୍ ରୋଲ୍‌ରେ ଅଭିନେତା ସମ୍ବିତ ଓ ଅଭିନେତ୍ରୀ ସମ୍ଭାବନା ଅଭିନୟ କରୁଛନ୍ତି। ଏଥିରେ ରାଇମୋହନ, ମିହିର ଦାସ ବି ଅଭିନୟ କରୁଛନ୍ତି। ଫିଲ୍ମଟି ଏଟଏମଟି ବ୍ୟାନରରେ ପ୍ରସ୍ତୁତ ହେଉଥିବାବେଳେ ଟିଟୋର ଅର୍ଥରେ ବହୁ ଉନ୍ନତମାନର ସୁଟିଂ ହେଉଥିବା ଚର୍ଚ୍ଚା ଚାଲିଛି। ବାସ୍ତବରେ ଟିଟୋର କେତେଟଙ୍କା ଏହି ଫିଲ୍ମରେ ଲାଗିଛି ଓ କେଉଁ ଆଧାରରେ ବିନିଯୋଗ କରାଯାଇଛି, ତା'ର ତଥ୍ୟ ପ୍ରମାଣ ଯୋଗାଡ଼ କରିବାରେ କ୍ରାଇମବ୍ରାଞ୍ଚର ଏସଟିଏଫ ଉଦ୍ୟମ ଚଳାଇଛି। ଜମି ମାଫିଆ, ଚିଟ୍‌ଫଣ୍ଡ ଦଲାଲଙ୍କ ଟଙ୍କାରେ ଓଲିଉଡ ଫିଲ୍ମ ନିର୍ମାଣକୁ ନେଇ ବିଗତ ଦିନରେ ଚଳଚ୍ଚିତ୍ରଜଗତରେ ହଇଚଇ ସୃଷ୍ଟି ହୋଇଥିବାବେଳେ ଏବେ ଗ୍ୟାଙ୍ଗଷ୍ଟରଙ୍କ ଓଲିଉଡ୍ ଲିଙ୍କ୍ ସମସ୍ତଙ୍କୁ ଚକିତ କରିଛି। ଓଡ଼ିଶା ବାହାରେ ଟିଟୋର ଜମି ଥିବାବେଳେ ଆତଙ୍କବାଦୀ ଓ ଅଣ୍ଡରୱାର୍ଲ୍ଡ ଲିଙ୍କ ନେଇ ପୁଲିସ ଖୋଳତାଡ଼ ଚଳାଇଛି। ଏସବୁ ମଧ୍ୟରେ ଟିଟୋ ଓ ତା'ର ସମ୍ପର୍କୀୟଙ୍କ ନାମରେ ୩୪ଟି

▶▶ ୭

Thu, Jul 12, 2018
http://odishanewsnitidin.com